# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଠଚକ୍ର

**ବାଲେଶ୍ୱର,୨୭।୭(ସମିସ):** ସାହିତ୍ୟ ଏକାଡେମୀ ଏବଂ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଫକୀରମୋହନ ସେନାପତି ଓ ମୁନସୀ

**'ଫକୀରମୋହନ ସେନାପତି ଓ ମୁନସୀ ପ୍ରେମଚାନ୍ଦ: ଏକ ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକରେ ପାଠଚକ୍ର**



ପ୍ରେମଚାନ୍ଦ: ଏକ ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକରେ ଏକ ଦିବସୀୟ ପାଠଚକ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସାହିତ୍ୟ ଏକାଡେମୀର ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶ, ସାହିତ୍ୟ ଏକାଡେମୀର ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ, ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର ପ୍ରମୁଖ କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡ. ଦେବେନ୍ଦ୍ର କୁମାର ଦେବେଶ ଆଜକୁ ୩୧ ଜୁଲାଇରେ ପ୍ରେମଚାନ୍ଦଙ୍କ ଜନ୍ମତିଥି ପଡୁଥିବା ହେତୁ ଏହି କର୍ମଶାଳାଟି ବେଶ ଯଥାର୍ଥ ହୋଇଛି ବୋଲି ପ୍ରକାଶ କରିଥିଲେ। ଏଥିରେ ପ୍ରଫେସର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ବକ୍ତବ୍ୟ ରଖିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପ୍ରଫେସର ବଭ୍ରୁବାହନ ମହାପାତ୍ର, ଡ. ସଙ୍ଘମିତ୍ରା ଭଞ୍ଜ, ଡ. ଦୀପ୍ତି ପ୍ରକାଶ ମହାପାତ୍ର, ଡ. କବିତା ପାତ୍ର, ଡ. ମହମ୍ମଦ ଶରିଫ, ଡ. ସୌମ୍ୟା ସଙ୍ଗୀତା ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ମଣୀନ୍ଦ୍ର ମେହେର, ପ୍ରଫେସର ରବୀନ୍ଦ୍ର ମିଶ୍ର, ଡ. ଅରବିନ୍ଦ ଗିରି ପ୍ରମୁଖ ସଭାପତିତ୍ୱ କରିଥିବା ବେଳେ ଡ. ଜୟନ୍ତ କୁମାର ଦାସ, ଡ. ଦେବସ୍ମିତା ବାରିକ୍, ଡ. ହେମଲତା ବେହେରା ଓ ଡ. ପ୍ରହ୍ଲାଦ ଖିଲ ପ୍ରମୁଖ ଭିନ୍ନ ଭିନ୍ନ ଅଧିବେଶନର ନିଷ୍କର୍ଷ ଉପସ୍ଥାପନ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ।